# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**16 September – 2025**

**News Editor : Itishree Singh Rathaur**

*********************************

## ମୁଖ୍ୟ ସମ୍ବାଦ

- ବିଧାନସଭାର ମୌସୁମୀ ଅଧିବେଶନ ଆସନ୍ତା ଗୁରୁବାରଠାରୁ ହେବ ଆରମ୍ଭ

— ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ

- ରାଜ୍ୟରେ ନବନିର୍ମିତ ୯୧୩ଟି ଅଙ୍ଗନୱାଡି କେନ୍ଦ୍ରକୁ ଉଦ୍‌ଘାଟନ କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା
- ଦେଶରେ ଆସନ୍ତାକାଲିଠାରୁ ଆରମ୍ଭ ହେବ 'ସ୍ୱଚ୍ଛତା ହିଁ ସେବା-୨୦୨୫' ଅଭିଯାନ
- 'ବିଜ୍ଞାନରୁ ବିଶ୍ୱସ୍ତରୀୟ କାର୍ଯ୍ୟ ପର୍ଯ୍ୟନ୍ତ'ର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ଓଜୋନ୍ ଦିବସ

ଏବଂ

- ରାଜ୍ୟରେ ମୌସୁମୀ ସକ୍ରିୟ; ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି

## ସର୍ବଦଳୀୟ ବୈଠକ

ବିଧାନସଭା ମୌସୁମୀ ଅଧିବେଶନ ପୂର୍ବରୁ ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆଜି ବିଧାନସଭା ସମ୍ମିଳନୀ କକ୍ଷରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, କନକ ବର୍ଦ୍ଧନ ସିଂହଦେଓ, ସଂସଦୀୟ ବ୍ୟାପାର ମନ୍ତ୍ରୀ, ଆଇନ୍ ମନ୍ତ୍ରୀଙ୍କ ସମେତ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମୀଳା ମଲ୍ଲିକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ପ୍ରମୁଖ ଉପସ୍ଥିତ ଥିଲେ । ଆସନ୍ତା ଗୁରୁବାରଠାରୁ ସପ୍ତଦଶ ବିଧାନସଭାର ଚତୁର୍ଥ ତଥା ମୌସୁମୀ ଅଧିବେଶନ ଆରମ୍ଭ ହେବାକୁ ଥିବାବେଳେ ଗୃହକୁ ସୁରୁଖୁରୁରେ ଚଳାଇବା ପାଇଁ ବାଚସ୍ପତି ସମସ୍ତଙ୍କ ସହଯୋଗ ଓ ସମର୍ଥନ ଲୋଡ଼ିଛନ୍ତି । ମୌସୁମୀ ଅଧିବେଶନ ଆସନ୍ତା ଗୁରୁବାରଠାରୁ ଆରମ୍ଭ ହୋଇ ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ଅଧିବେଶନରେ ମୋଟ୍ ୭ଟି କାର୍ଯ୍ୟଦିବସ ରହିଛି ।

ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଆଜି ମନ୍ତ୍ରୀ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମସ୍ତ ବିଭାଗର ମନ୍ତ୍ରୀମାନେ ଉପସ୍ଥିତ ଥିଲେ ।

## ଅଙ୍ଗନୱାଡ଼ି କେନ୍ଦ୍ର ଉଦ୍‌ଘାଟନ

ରାଜ୍ୟରେ ନବନିର୍ମିତ ୯୧୩ଟି ଅଙ୍ଗନୱାଡ଼ି କେନ୍ଦ୍ରକୁ ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମହିଳା ଓ ଶିଶୁବିକାଶ ବିଭାଗର ସମ୍ମିଳନୀ

କକ୍ଷରେ ଆଭାସୀ ମାଧମରେ ଉଦ୍‌ଘାଟନ କରିଛନ୍ତି। ଏହି ନୂତନ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକ ନିଜସ୍ୱ ଘର ପାଇବା ସହ ନୂତନ ପରିଚୟ ପାଇଛନ୍ତି। ସଶକ୍ତ ଅଙ୍ଗନୱାଡି, ସଶକ୍ତ ଭବିଷ୍ୟତର ପ୍ରତୀକ ଉଦ୍ଦେଶ୍ୟ ନେଇ ଆଜିର ଦିନ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଶ୍ରୀମତୀ ପରିଡା କହିଛନ୍ତି।

ବାଲେଶ୍ୱର ଜିଲ୍ଲାରେ ସର୍ବାଧିକ ୭୭ଟି ଅଙ୍ଗନୱାଡି କେନ୍ଦ୍ର ସମେତ ଅନୁଗୁଳରେ ୩୫ଟି, ବରଗଡ଼ରେ ୪୪ଟି, ଭଦ୍ରକରେ ୩୪ଟି, ବଲାଙ୍ଗିରରେ ୨୩ଟି କେନ୍ଦ୍ରର ଉପମୁଖ୍ୟମନ୍ତ୍ରୀ  ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ ଉପସ୍ଥିତ ଥିଲେ।

# ସ୍ୱଚ୍ଛତା ହିଁ ସେବା

ସ୍ୱଚ୍ଛତା ହିଁ ସେବା -୨୦୨୫ ଅଭିଯାନ ଆସନ୍ତାକାଲିଠାରୁ ସମଗ୍ର ଦେଶରେ ଆରମ୍ଭ ହେବ । ଏହି ୧୫ ଦିନିଆ ଅଭିଯାନ ଆସନ୍ତା ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ସ୍ୱଚ୍ଛତା ନେଇ ସମ୍ମିଳିତ ଉଦ୍ୟମର ଆବଶ୍ୟକତା ଉପରେ ସଚେତନତା ସୃଷ୍ଟି ଲକ୍ଷ୍ୟନେଇ ଏହି ଅଭିଯାନ ଆରମ୍ଭ କରାଯାଉଛି । ଗ୍ରାମ ତଥା ସହରାଞ୍ଚଳରେ ଏଥିପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଆସନ୍ତା ୨୫ ତାରିଖରେ ଦେଶବ୍ୟାପୀ ସ୍ୱେଚ୍ଛାସେବୀ ଶ୍ରମଦାନ **ଏକ୍ ଦିନ, ଏକ ଘଣ୍ଟା, ଏକ ସାଥ୍** କାର୍ଯ୍ୟକ୍ରମର ଆୟୋଜନ କରାଯିବ ।

# ଜିଏସ୍‌ଟି-ଏଗ୍ରିକଲଚର୍

ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାର ପରେ ଦେଶର ସମସ୍ତ କ୍ଷେତ୍ରରେ ଉତ୍ସାହ ଦେଖାଦେଇଛି । ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ନିବେଶକ ପର୍ଯ୍ୟନ୍ତ ଏବଂ ଶ୍ରମିକଠାରୁ ଆରମ୍ଭ କରି ବୃହତ୍ ଶିଳ୍ପ ପର୍ଯ୍ୟନ୍ତ ସମସ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜି.ଏସ୍.ଟି. ସଂସ୍କାରକୁ ସ୍ୱାଗତ କରୁଛନ୍ତି । ଜି.ଏସ୍.ଟି. ଟିକସ ହାର ପୂର୍ବରୁ ୫ ଟି ସ୍ଲାବ୍ ଥିବାବେଳେ ଏହାକୁ ପରିବର୍ତ୍ତନ କରାଯାଇ କେବଳ ୫ ଓ ୧୮ ପ୍ରତିଶତ ଅର୍ଥାତ୍ ୨ଟି ସ୍ଲାବ୍‌ରେ ସୀମିତ ରଖାଯାଇଛି ।

ଜି.ଏସ୍.ଟି. ସଂସ୍କାରରେ କେନ୍ଦ୍ର ସରକାର କୃଷି କ୍ଷେତ୍ରରେ ବ୍ୟାପକ ରିହାତି ପ୍ରଦାନ କରିଛନ୍ତି । ୧୮୦୦ ସି.ସି.ରୁ କମ୍ ଶକ୍ତି ବିଶିଷ୍ଟ ଟ୍ରାକ୍ଟର ଉପରେ ଜି.ଏସ୍.ଟି. ହାର ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଥିବା ବେଳେ ଟାୟାର୍, ଟ୍ୟୁବ୍, ହାଇଡ୍ରୋଲିକ୍ ପମ୍ପ ଏବଂ ଅନ୍ୟାନ୍ୟ ଉପକରଣ ଉପରେ ମଧ୍ୟ ଜି.ଏସ୍.ଟି. ହାରକୁ ୧୮ରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି । କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, ଜି.ଏସ୍.ଟି. ପରିଷଦ ବୈଠକରେ ସମଜଡ଼ିତ ଶିଳ୍ପକୁ ପ୍ରାଧାନ୍ୟ ଦିଆଯାଇଛି । ଏହି ପରିବର୍ତ୍ତନ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କୁ ଅଧିକ ଲାଭାନ୍ୱିତ କରିବ ।

## ସିବିଡିଟି-ଆଇଟିଆର୍ ଏକ୍ସଟେନ୍‌ସନ୍

କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ପରିଷଦ- ସି.ବି.ଡି.ଟି. ଆକଳନ ବର୍ଷ ୨୦୨୫-୨୬ ନିମନ୍ତେ ଆଜି ଗୋଟିଏ ଦିନ ପାଇଁ ଆୟକର ଦାଖଲ ସମୟସୀମାକୁ ବୃଦ୍ଧି କରିଛନ୍ତି । ଗତକାଲି ଏହାର ଶେଷ ତାରିଖ ଥିଲା । ଆଜି ରାତି

୧୨ଟା ପର୍ଯ୍ୟନ୍ତ ଆୟକର ଦାଖଲ କରାଯାଇପାରିବ । ସୂଚନା ଅନୁଯାୟୀ ୨୦୨୫-୨୬ ଆକଳନ ବର୍ଷ ଲାଗି ୭ କୋଟିରୁ ଅଧିକ ଆୟକର ଦାଖଲ ହୋଇଥିବା ବିଭାଗ କହିଛି ।

## ସେବା ଏବଂ ସୁଶାସନ

**V/O-Seba Parba Opening**

ସେବା ଏବଂ ସୁଶାସନ ତଥା ଜନସେବା ଓ ସୁଶାସନର ମନ୍ତ୍ର ଦ୍ୱାରା ପରିଚାଳିତ ହୋଇ କେନ୍ଦ୍ର ସରକାର ବିଭିନ୍ନ ଜନକଲ୍ୟାଣକାରୀ ପଦକ୍ଷେପ ଗ୍ରହଣ କରି ଆସୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଓ ପ୍ରଗତିର ଶାସନ ବ୍ୟବସ୍ଥା ଆଣିବା ପାଇଁ ନିରନ୍ତର ପ୍ରୟାସ କରି ଆସୁଛନ୍ତି। କେନ୍ଦ୍ର ସରକାର ସର୍ବଦା  ପରିବେଶ ସୁରକ୍ଷା ପ୍ରତି ସଚେତନତା ସୃଷ୍ଟି କରବା ସହ ବହୁବିଧ ଯୋଜନାମାନ ପ୍ରଣୟନ କରିଆସୁଛନ୍ତି। ସେଥିମଧ୍ୟରୁ 'ଏକ୍ ପେଡ୍ ମା' କେ ନାମ୍' ଅଭିଯାନ ଏକ ଐତିହାସିକ ଉପଲବ୍ଧି। ସେବା ପର୍ବର ଏହି କ୍ରମରେ ଆଜି ପ୍ରସ୍ତୁତ କରୁଛୁ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱାଧୀନ ସରକାରରେ ଭାରତ ବିଶ୍ୱ ଜଳବାୟୁ ଚାମ୍ପିଅନ୍ ଭାବେ କିପରି ନିଜର ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଇ ଆସୁଛନ୍ତି।

ଶୁଣନ୍ତୁ ଏକ ରିପୋର୍ଟ.....

ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଦେଶ ତଥା ରାଜ୍ୟରେ ପରିବେଶ ସୁରକ୍ଷାକୁ ସର୍ବଦା ପ୍ରାଧାନ୍ୟ ଦିଆଯାଉଛି। ଭାରତ ଏକ ବିକାଶଶୀଳ ରାଷ୍ଟ୍ର ଭାବେ

ଅଗ୍ରଗତି କରିବା ସହ ବିଶ୍ୱ ଜଳବାୟୁ ଚାମ୍ପିଅନ୍ ଭାବେ ଦ୍ରୁତ ଅଗ୍ରଗତି କରୁଛି। ଗତ ୧୧ ବର୍ଷରେ ଜଙ୍ଗଲ ସଂରକ୍ଷଣଠାରୁ ପରିବେଶ ସୁରକ୍ଷା ଦିଗରେ ସରକାର ବିଭିନ୍ନ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଛନ୍ତି। ଅଣ ପାରମ୍ପରିକ ଉର୍ଜାର ସୁବିନିଯୋଗ କରି ପରିବେଶ ପ୍ରଦୂଷଣ ରୋକିବା ଦିଗରେ ତୃଣମୂଳ ସ୍ତରରେ ସଚେତନ ସୃଷ୍ଟି କରାଯାଉଛି। ସୋଲାର ପ୍ୟାନେଲଠାରୁ ଆରମ୍ଭ କରି ସବୁଜ ଶକ୍ତିର ବ୍ୟବହାର ବୃଦ୍ଧି କରି ଭାରତ ପ୍ରମାଣିତ କରିଛି ଯେ, ଅଭିବୃଦ୍ଧି ଓ ସ୍ଥିରତା ଏକତ୍ର ହାସଲ କରାଯାଇପାରେ। ପ୍ୟାରିସ୍‌ରେ ଅନୁଷ୍ଠିତ କପ୍-୨୧ ସମ୍ମିଳନୀରେ ଭାରତ ୨୦୩୦ ମସିହା ସୁଦ୍ଧା ୪୦ ପ୍ରତିଶତ ସ୍ୱଚ୍ଛ ଶକ୍ତି କ୍ଷମତା ହାସଲ କରିବାକୁ ପ୍ରତିଶ୍ରୁତିବଦ୍ଧ ହୋଇଥିଲା। କିନ୍ତୁ ୨୦୨୧ ମସିହାରେ ନିର୍ଦ୍ଧାରିତ ସମୟର ୯ ବର୍ଷ ପୂର୍ବରୁ ଏହି ଲକ୍ଷ୍ୟ ହାସଲ କରାଯାଇ ପରିବେଶ ସୁରକ୍ଷା ଦିଗରେ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଉଛି। ଗତ ବର୍ଷ ସେପ୍ଟେମ୍ବର ମାସରେ ପ୍ରଧାନମନ୍ତ୍ରୀ ଆମେରିକା ଗସ୍ତ ସମୟରେ ଏକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ କହିଥିଲେ, ଭାରତରେ ବିଶ୍ୱର ୧୭ପ୍ରତିଶତ ଜନସଂଖ୍ୟା ବସବାସ କରନ୍ତି, କିନ୍ତୁ ଏହାର ଅଙ୍ଗାରକାମ୍ଳ ନିର୍ଗମନ ୪ ପ୍ରତିଶତରୁ କମ୍।

# - V/O - (PM)

ପରିବେଶ ସୁରକ୍ଷା ଏବଂ ଏହାର ସଂରକ୍ଷଣରେ ଭାରତ କେବଳ ବିଶ୍ୱ ଜଳବାୟୁ ଆଲୋଚନାରେ ଅଂଶ ଗ୍ରହଣ କରି ଦୃଢ଼ ପ୍ରତିବଦ୍ଧତା ପ୍ରଦର୍ଶନ

କରୁନାହିଁ, ବରଂ ପରବର୍ତ୍ତୀ ପିଢ଼ିଙ୍କ ପାଇଁ ଏକ ସୁସ୍ଥ ଓ ସମୃଦ୍ଧ ବାତାବରଣ ସୃଷ୍ଟି କରୁଛି ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆଁ

**V/O-End Music Seba Praba**

## ସେବା ସପ୍ତାହ

ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଥିବା ସେବା ସପ୍ତାହ ପାଳନ ଅବସରରେ **ଭଦ୍ରକ** ଜିଲାରେ ଚାରାରୋପଣ, ରକ୍ତଦାନ ଶିବିର, ସ୍ୱଚ୍ଛ ଭାରତ ଅଭିଯାନ ଆଦି ବିଭିନ୍ନ କାର୍ଯ୍ୟକ୍ରମରେ ଜନସାଧାରଣ ସାମିଲ ହେବାକୁ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ପରାମର୍ଶ ଦେଇଛନ୍ତି । ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀଙ୍କ ପୀଠରେ ମନ୍ତ୍ରୀ ଶ୍ରୀ ମହାପାତ୍ର ପୂଜାର୍ଚ୍ଚନା କରି ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ସେବା ସପ୍ତାହ କାର୍ଯ୍ୟକ୍ରମରେ 'ଏକ ପେଡ୍ ମା' କେ ନାମ୍' ଅଭିଯାନରେ ଅଧିକରୁ ଅଧିକ ବ୍ୟକ୍ତି ସାମିଲ ହେବା ପାଇଁ ଆହ୍ୱାନ ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

# ଓଜୋନ ଦିବସ

ବାୟୁମଣ୍ଡଳରେ ଓଜୋନ ସ୍ତରର ସଂରକ୍ଷଣ ସଂପର୍କରେ ସଚେତନତା ବୃଦ୍ଧି ଲକ୍ଷ୍ୟନେଇ ଆଜି ବିଶ୍ୱ ଓଜୋନ ଦିବସ ପାଳନ କରାଯାଉଛି । ୧୯୯୪ ମସିହା ଜାତିସଂଘ ମହାସଭା ଓଜୋନ ସ୍ତର ସୁରକ୍ଷା ପାଇଁ ଗ୍ରହଣକରିଥିବା

ଐତିହାସିକ ମଣ୍ଟ୍ରି ଆଲ୍ ମାର୍ଗଦର୍ଶିକାକୁ ସ୍ମରଣ କରି ପ୍ରତିବର୍ଷ ସେପ୍ଟେମ୍ବର ୧୬ ତାରିଖରେ ଏହି ଦିବସ ପାଳିତ ହୋଇ ଆସୁଛି । ଚଳିତବର୍ଷର ପ୍ରସଙ୍ଗ ରହିଛି **ବିଜ୍ଞାନରୁ ବିଶ୍ୱସ୍ତରୀୟ କାର୍ଯ୍ୟ ପର୍ଯ୍ୟନ୍ତ ।** ବୈଜ୍ଞାନିକ ଗବେଷଣା ଏବଂ ଓଜୋନ ସ୍ତରକୁ ସଂରକ୍ଷଣ କରିବା ସହ ଜଳବାୟୁ ସୁରକ୍ଷା ଉପରେ ଗୁରୁତ୍ୱ ପ୍ରଦାନର ଲକ୍ଷ୍ୟ ନେଇ ଆଜି ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

## ଲୋକାଭିମୁଖୀ ଯୋଜନା

**ଗଜପତି** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ  ମହିଳା କଲେଜ ସଭାଗୃହରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କଲେଜ୍ର ଅଧ୍ୟକ୍ଷା, ଜିଲ୍ଲା କର୍ମନିୟୋଜନ କାର୍ଯ୍ୟାଳୟର କର୍ମଚାରୀମାନେ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାର ସୁଫଳ ସମ୍ପର୍କରେ ଆଲୋକପାତ କରିଥିଲେ। କଲେଜ୍ ଛାତ୍ରୀମାନଙ୍କ ସୁରକ୍ଷା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା।

## ପାର୍ବଣ ବୈଠକ

ପାର୍ବଣ ଋତୁକୁ ଦୃଷ୍ଟିରେ ରଖି କଟକ କେନ୍ଦ୍ରାଞ୍ଚଳ ପୁଲିସ୍ର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଡିଆଇଜିଙ୍କ ସମେତ କେନ୍ଦ୍ରାଞ୍ଚଳ ରେଞ୍ଜ୍ ଏସ୍ପି ବୈଠକରେ ଉପସ୍ଥିତ ଥିଲେ। କଟକ ସହରରେ ଆଇନ୍ ଶୃଙ୍ଖଳା ଉପରେ ଦୃଷ୍ଟି ରଖିବାକୁ ବୈଠକରେ ପରାମର୍ଶ ଦିଆଯାଇଥିଲା।

## ପାଣିପାଗ

ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ସକ୍ରିୟ ରହିଛି।  ପ୍ରଭାବରେ ଉତ୍ତର ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାରେ ବଜ୍ରପାତ ସହ ବର୍ଷା ହେବା ନେଇ ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

ଗତ ୨୪ ଘଣ୍ଟାରେ ବରଗଡ଼ ଜିଲ୍ଲାର ଅମ୍ବାବୋନାରେ ସର୍ବାଧିକ ୧୧୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ମୟୂରଭଞ୍ଜ ଜିଲ୍ଲାର ଜାମଶୋଳାଘାଟରେ ୯୯ ମିଲିମିଟର ଏବଂ କଟକ ଜିଲ୍ଲାର ବାଙ୍କିରେ ୯୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।